ଅଗ୍ରଗାମୀ
AGRAGAMEE

Signet
The Complete Excipients Company



# ଜିରୋ ଟିଲେଜ୍ ଚାଷ ପଦ୍ଧତି

ବିନା ହଳରେ ପ୍ରାକୃତିକ ଚାଷ





## ଉପକ୍ରମ:

ଚାଷକାମ କରିବା ଆଦିବାସୀ ଚାଷୀମାନଙ୍କ ପାଇଁ ପୂର୍ବ ଅପେକ୍ଷା ଆହୁରୀ କଷ୍ଟଦାୟକ ଓ ଖର୍ଚ୍ଚବହୁଳ ହୋଇପଡୁଛି। ହଳ କରିବା, ଗୋବରଖତ ପ୍ରସ୍ତୁତ କରିବା, ଜମିରେ ଖତ ପକାଇବା, ଘାସ ବାଛିବା, ବିହନ ବୁଣିବା, ତଳି ଲଗାଇବା ଇତ୍ୟାଦି କାମ ପାଇଁ ପରିବାରର ମହିଳା, ପୁରୁଷ ଏବଂ ଏପରିକି ଛୋଟଛୋଟ ପିଲାମାନଙ୍କୁ ମଧ୍ୟ କଠିନ ପରିଶ୍ରମ କରିବାକୁ ପଡୁଛି। ହଳ, ବିହନ, ଖତସାର ଓ ଶ୍ରମ ପାଇଁ ଚାଷୀକୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏସବୁ କରିବା ପରେ ମଧ୍ୟ ଫସଲରେ ପୋକ ଲାଗି ଯାଉଛି ଏବଂ ସୁସ୍ଥ ଭାବେ ବଢ଼ିପାରୁନି। ଦେଖାଯାଉଛି କି ଚାଷରୁ ଅତି ଅଳ୍ପ ଅମଳ ମିଳେ। ତେଣୁ, ଚାଷୀକୁ ରାସାୟନିକ ସାର ଏବଂ କୀଟନାଶକ ଦ୍ରବ୍ୟ ବ୍ୟବହାର କରିବାକୁ ପଡ଼େ। ଏପରିକି ଅନେକ ଚାଷୀ ବିଷାକ୍ତ ଘାସମରା ରାସାୟନିକ ଦ୍ରବ୍ୟ ମଧ୍ୟ ପ୍ରୟୋଗ କରିଥାନ୍ତି। ଏତେସବୁ ଉଦ୍ୟମ ଦ୍ୱାରା କେବଳ ଯେ ଚାଷୀର ବହୁତ ସମୟ ଏବଂ ଟଙ୍କା ନଷ୍ଟ ହୋଇଥାଏ ତା'ନୁହେଁ ବରଂ ଶେଷରେ ଜମିରେ ହୋଇଥିବା ଫସଲର ଅମଳ ମଧ୍ୟ ଅତି ଖରାପ ହୋଇଯାଏ। ଏହା ସହିତ ଚାଷୀର ସ୍ୱାସ୍ଥ୍ୟ ମଧ୍ୟ ଖରାପ ହୁଏ ଏବଂ ଅନେକ ଚାଷୀ କ୍ୟାନସର୍ ଭଳି ରୋଗର ଶୀକାର ହୁଅନ୍ତି। ଢ଼ିପ ଜମିରେ ଆମେ ଯଦି ୨-୩ ବର୍ଷ ଚାଷ କରିବା ଜମି ଅବସ୍ଥା ଏତେ ଖରାପ ହୋଇଯିବ ଯେ ଆମକୁ ଅନେକ ବର୍ଷ ଧରି ତାକୁ ପଡ଼ିଆ ପକାଇ ରଖିବାକୁ ପଡ଼ିବ।

ଚାଷଜମିରେ ରାସାୟନିକ ସାର ଏବଂ କୀଟନାଶକ ଦ୍ରବ୍ୟ ବ୍ୟବହାର କରିବା ଦ୍ୱାରା ଯଦିବା ଆମେ ବର୍ଷେ କିମ୍ବା ଦୁଇବର୍ଷ ପାଇଁ ଭଲ ଅମଳ ପାଇଥାଉ, ତା'ପରେ ଉତ୍ପାଦନ ଧୀରେ ଧୀରେ କମିଯାଏ, ଏବଂ ପରିଶେଷରେ କିଛି ବର୍ଷ ପରେ ଚାଷୀ ଧାନ, ପନିପରିବା ଆଦି ଫସଲ ଚାଷ କରିବା ଛାଡ଼ିଦିଏ। ତା'ପରେ ଚାଷୀ ଇୟୁକାଲିପଟାସ୍ ଗଛ ଲଗାଏ। ଶେଷରେ, ସେଠାରେ କୌଣସି ଜିନିଷ ଉତ୍ପାଦନ କରିବା ମଧ୍ୟ ଅସମ୍ଭବ ହୋଇପଡ଼େ। ଏହାର ମୁଖ୍ୟ କାରଣ ହେଲା ମାଟିର ଉର୍ବରତାକୁ ପ୍ରଥମେ ନଷ୍ଟ କରି ଆମେ ଯେକୌଣସି ଫସଲର ଚାଷ ଆରମ୍ଭ କରିଥାଉ। ଜଙ୍ଗଲରେ ହେଉ କି ଆମ ଜମିରେ ହେଉ ମାଟି ହେଉଛି ସମସ୍ତ ବୃକ୍ଷଲତାର ଜୀବନ। ପ୍ରକୃତରେ ଏହି ପୃଥିବୀରେ ଥିବା ସମସ୍ତ ଜୀବଜଗତର ଉତ୍ସ। ଯେତେବେଳେ ମାଟିକୁ ଖୋଳି ଆମେ ବିଭିନ୍ନ ଫସଲ କରିବାକୁ ଚେଷ୍ଟା କରୁ ସେତେବେଳେ ଆମେ ସେହି ସମ୍ପଦକୁ ହିଁ ବିନାଶ କରିଥାଉ ଯାହାକୁ ଆଧାର କରି ଆମେମାନେ ବଞ୍ଚୁଛୁ!!

ତେଣୁ, ବିଭିନ୍ନ ଫସଲ ଉତ୍ପାଦନର ସବୁଠୁ ସୁନ୍ଦର ଏବଂ ଉପଯୁକ୍ତ ଉପାୟ ହେଉଛି ମାଟିକୁ ହଳ କିମ୍ବା କୋଡ଼ାଖୋସା ନ କରି ଚାଷ କରିବା।

ଆପଣମାନେ ଆଶ୍ଚର୍ଯ୍ୟ ହୋଇ ପଚାରୁଥିବେ: "କ'ଣ ହେଲା ?? ମାଟିକୁ ହଳ ନକରି, ନ ଖୋଳି କିମ୍ବା କୋଡ଼ାଖୋସା ନକରି କେମିତି ଜଣେ ଚାଷ କରିପାରିବ ??"

ଏହା ସମ୍ଭବ ଅଟେ!! ଆମେ ମାଟିରେ ବିନା ହଳ କିମ୍ବା ବିନା କୋଡ଼ାଖୋସାରେ ବିଭିନ୍ନ ପ୍ରକାରର ଚାଷ କରିପାରିବା। ଆସନ୍ତୁ ପ୍ରଥମେ ବିନା ହଳର ମାଣ୍ଡିଆ ଚାଷ କରିବାର ପଦ୍ଧତି ଶିଖିବା:

## ୧. ବିନା ହଳ ଏବଂ ବିନା କୋଡ଼ାଖୋସା ପଦ୍ଧତିରେ ମାଣ୍ଡିଆ ଚାଷ :

### ୧.୧ ଜମି ପ୍ରସ୍ତୁତି:

- ଚଇତି ପୂର୍ଣ୍ଣିମା ପରେ ପରେ ଯୋଉଠି ଆପଣ ବିନା ହଳ/କୋଡ଼ାଖୋସାରେ (ଜିରୋ ଟିଲେଜ୍) ଚାଷ କରିବେ ସେହି ଜମିରେ ଗୋଟିଏ ପରସ୍ତ ଗୋବରଖତ/ଜୈବିକ ଖତ/କମ୍ପୋଷ୍ଟ ଖତ ବିଛାଇ ଦିଅନ୍ତୁ (୨-୩ ବର୍ଷ ଧରି ସେହି ଜମିର ଉପଯୁକ୍ତ ଉର୍ବରତା ସ୍ତରକୁ ଆସିବା ପାଇଁ ଗୋଟିଏ ପରସ୍ତ ଗୋବରଖତ ବିଛାଇବା ବହୁତ ଭଲ)।



- ଜମି ମଧ୍ୟରେ ଥିବା ଅନାବନା ଘାସ ଏବଂ ଛୋଟଛୋଟ ଗଛକୁ କାଟି ଦିଅନ୍ତୁ । ସେ ଗୁଡ଼ିକୁ ଜମି ବାହାରକୁ ଫିଙ୍ଗନ୍ତୁ ନାହିଁ । ଜମି ଭିତରେ ସେଗୁଡ଼ିକ ସେମିତି ପଡ଼ିଥାଉ । ଯଦି ଜମିରେ କୌଣସି କଣ୍ଟା ଗଛଡ଼ାଳ କିମ୍ବା ଶୁଖିଲା ବାଡ଼ି ମାନ ଥିଲେ ସେଗୁଡ଼ିକୁ ଜମିରୁ ବାହାର କରିଦିଅନ୍ତୁ ।



- ଯେଉଁ ଘାସ କଟାଯାଇ ଜମିରେ ପଡ଼ିଛି ସେ ଘାସକୁ ଜମିରେ ଶୁଖିବାକୁ ଦିଅନ୍ତୁ ।
- ସପ୍ତାହେ କି ଦୁଇ ସପ୍ତାହ ପରେ ଶୁଖିଲା ଘାସକୁ ଜମିରେ ସମାନ ଭାବେ ବିଛାଇ ଦିଅନ୍ତୁ ।
- ତଳି ରୂଆ ପର୍ଯ୍ୟନ୍ତ ଜମିକୁ ସେହିପରି ଛାଡ଼ି ଦିଅନ୍ତୁ ।

## ୧.୨ ତଳି ପକାଇବା ପାଇଁ ବିହନ ପଟାଳି ପ୍ରସ୍ତୁତି - ୨ :

- ଜମିର ଏଭଳି ଏକ ସ୍ଥାନ ବାଛନ୍ତୁ ଯେଉଁଠି ଭଲ ସୂର୍ଯ୍ୟ କିରଣ ପଡୁଥିବ ଏବଂ ସ୍ଥାନଟି ଉର୍ବର ମଧ୍ୟ ହୋଇଥିବ ।
- ଏହି ସ୍ଥାନର ସମସ୍ତ ଘାସ ଏବଂ ଅନାବନା ଗଛପତ୍ର କାଟି ସଫା କରନ୍ତୁ ।
- ସମସ୍ତ କଟାଘାସ ଏବଂ ଅନାବନା ଗଛପତ୍ରକୁ ବାହାର କରିଦିଅନ୍ତୁ ।
- ସେହି ପଟାଳିରେ ଭଲ କରି ଗୁଣ୍ଡ ହୋଇଥିବା ଶୁଖିଲା ଗୋବରଖତ ଦୁଇ-ତିନି ପରସ୍ତ ବିଛାଇ ଦିଅନ୍ତୁ ।
- ଆପଣଙ୍କ ବିହନ ପଟାଳି ପ୍ରସ୍ତୁତ ହୋଇଗଲା । ଏହି ପଟାଳିକୁ ହଳ କି କୋଡ଼ାଖୋସା କରିବା ଆବଶ୍ୟକ ନାହିଁ ।



- ଆହୁରୀ ମଧ୍ୟ ମନେ ରଖନ୍ତୁ, ପଟାଳିର ଘାସକୁ ଓପାଡ଼ିବା ନାହିଁ । କେବଳ ଘାସକୁ କାଟିବା ଏବଂ କମ୍ପୋଷ୍ଟ ଗଦାରେ ପକାଇବା ।
- ଏକ କାଠିରେ ୨-୩ ଇଂଚ୍‌ର ବ୍ୟବଧାନରେ ଧାଡ଼ି ଟାଣନ୍ତୁ ଏବଂ ସେହି ଧାଡ଼ି ମାନଙ୍କରେ ବିହନକୁ ବୁଣି ଦିଅନ୍ତୁ । ସେଇ ଧାଡ଼ିରେ ବିହନ ବୁଣିବା ଦ୍ୱାରା ସଠିକ୍ ମାତ୍ରାରେ ଧାଡ଼ିରେ ବିହନ ପଡ଼ିବ ଏବଂ ଅନାବାନ ଘାସ, ଗଛଲତା ଉଠିବା ମଧ୍ୟ ନିୟନ୍ତ୍ରଣ କରିବା ସହଜ ହେବ ।
- ପାଣି ଛିଂଚିବା ପରେ ବିହନ ଗୁଡ଼ିକ ଖୁବ୍ ଭଲଭାବେ ଗଜା ହୋଇ ଗଛ ବଢ଼ିବାରେ ଲାଗିବ ।
- ଏହି ମାଣ୍ଡିଆ ତଳି ବା ଚାରା ଗୁଡ଼ିକ ୨-୩ ସପ୍ତାହର ହେଲେ ସେଗୁଡ଼ିକୁ ନେଇ ତଳି ରୂଆ କରନ୍ତୁ ।

ଏହି ପ୍ରକାରର ଚାଷ କରିବାକୁ ହେଲେ ଜଣେ ନିଜର ଜମିକୁ ପଡ଼ିଆ ପକାଇବା ଆବଶ୍ୟକ ନାହିଁ କାରଣ ପ୍ରତିବର୍ଷ ସେହି ଜମିରେ ଅମଳ ପରିମାଣ ବଢ଼ି ବଢ଼ି ଚାଲିବ।

## ୧.୩ ବିହନ ବିଶୋଧନ:



ବିନା ହଳ କିମ୍ବା କୋଡ଼ାଖୋସାରେ ଫସଲ ଚାଷ ପାଇଁ ଅନାବନା ଘାସ/ବାଲୁଙ୍ଗା ଅପେକ୍ଷା ମାଣ୍ଡିଆ ଗଛ ଶୀଘ୍ର ବଢ଼ିବା ଦରକାର। ବିହନ ଗୁଡ଼ିକ ଗଜା ହୋଇ ଚାରାଗଛ ଶୀଘ୍ର ବଢ଼ିବା ପାଇଁ ବିହନ ବିଶୋଧନ ନିହାତି ଦରକାର।

### ବିହନ ବିଶୋଧନ ପଦ୍ଧତି ୧ :

ମାଣ୍ଡିଆ ଏବଂ ଅନ୍ୟାନ୍ୟ ମାଣ୍ଡିଆଜାତୀୟ ବିହନ ବିଶୋଧନ ପାଇଁ ସବୁଠାରୁ ଭଲ ଜିନିଷ ହେଉଛି ଗୋବର। ବିହନ ବିଶୋଧନରେ ଗୋବରକୁ କେମିତି ବ୍ୟବହାର କରିବେ ସେହି ପଦ୍ଧତିଟି ନିମ୍ନରେ ଦିଆଗଲା:

- **ଖରାରେ ଶୁଖାଇବା** – ଗୋଟିଏ କୁଲାରେ ବିହନ ସବୁକୁ ବିଛାନ୍ତୁ ଏବଂ ତା'ପରେ ତାକୁ ଖରାରେ ଦୁଇଦିନ ଧରି ଶୁଖିବାକୁ ଦିଅନ୍ତୁ।
- **ଗୋବର ଗୋଳାଇବା** – ତୃତୀୟ ଦିନରେ ସଜ ଗୋବର ସହ ବିହନ ସବୁକୁ ମିଶାଇ ଏକ ଗୁଳା କରିଦିଅନ୍ତୁ।
- **ଅଖାରେ ବିହନ ରଖିବା** – ଗୋବରରେ ମିଶାଯାଇଥିବା ବିହନ ଗୁଳାକୁ ଗୋଟିଏ ବସ୍ତାରେ ପୁରାଇ ଘୋଡ଼ାଇ ଦିଅନ୍ତୁ ଏବଂ ସେହି ବସ୍ତାକୁ ଗୋଟିଏ ରାତି ଏକ ଉଷ୍ମ ଏବଂ ଅନ୍ଧାର ଥିବା ଜାଗାରେ ରଖି ଦିଅନ୍ତୁ।



- ପରଦିନ, ସେଇ ବିହନ ସହିତ ଉପଯୁକ୍ତ ପରିମାଣର ପାଉଁଶ କିମ୍ବା ବାଲି ଅଥବା ଶୁଖିଲା ଜୈବିକ ଖତ ମିଶାଇ ଦିଅନ୍ତୁ ଯଦ୍ୱାରା ତଳି ପକାଇବା ପାଇଁ ପ୍ରସ୍ତୁତ ପଟାଳିରେ ତାହା ସହଜରେ ବୁଣିହେବ।
- ବିଶୋଧନ ହୋଇ ନଥିବା ବିହନ ଅପେକ୍ଷା ଏହି ବିଶୋଧିତ ବିହନରୁ ଶୀଘ୍ର ସୁସ୍ଥ ସବଳ ତଳି ବଢ଼ିବାରେ ଲାଗିବ।

### ବିହନ ବିଶୋଧନ ପଦ୍ଧତି ୨ :



- ଖରାରେ ଶୁଖାଇବା: ବିହନକୁ ଗୋଟେ କୁଲାରେ ବିଛାଇ ଖରାରେ ଦୁଇଦିନ ଶୁଖାନ୍ତୁ।
- ୫ ଲିଟର ଗୋ-ମୂତ୍ର ନିଅନ୍ତୁ।
- ଗୋଟିଏ କପଡ଼ା ବ୍ୟାଗ୍‌ରେ ୧କେଜି ଶୁଖିଲା ଗୋବରଖତ ରଖି ତାକୁ ବାନ୍ଧି ଦିଅନ୍ତୁ ଏବଂ ଗୋ-ମୂତ୍ରରେ ୨ ଦିନ ଧରି ଭିଜାଇ ରଖନ୍ତୁ।

- ଦୁଇଦିନ ପରେ ଗୋବରଖତ ଥିବା ବ୍ୟାଗକୁ ଚିପୁଡି ଗୋବରଖତ ଏବଂ ଗୋ-ମୂତ୍ରକୁ ବାହାର କରି ନିଅନ୍ତୁ ଏବଂ ତାହାକୁ ଅଲଗା ଏକ ପାତ୍ରରେ ରଖନ୍ତୁ।
- ସେହି ବ୍ୟାଗ୍‌ରେ ବର୍ତମାନ ବିଶୋଧନ ପାଇଁ ବିହନ ରଖନ୍ତୁ ଏବଂ ତାହା ସେହି ଗୋବରଖତ ଓ ଗୋ-ମୂତ୍ରରେ ୧୫ ମିନିଟ୍ ପାଇଁ ଭିଜାଇ ରଖନ୍ତୁ। ତା'ପରେ ଛାଇରେ ଦୁଇଘଂଟା ଶୁଖିବା ପାଇଁ ରଖନ୍ତୁ।

## ୨. ମାଣ୍ଡିଆ ଚାଷ:

### ୨.୧ ମାଣ୍ଡିଆ ଚାଷ – ଧାଡ଼ି ରୁଆ ପଦ୍ଧତି



- ଘାସ କଟା ହୋଇ ପ୍ରସ୍ତୁତ ହୋଇଥିବା ଜମିରେ ଶୁଖିଲା ପତ୍ର କିମ୍ବା ନଡ଼ା କିମ୍ବା ଡ଼ାଳପତ୍ର ଆଣି ବିଛାଇ ଦିଅନ୍ତୁ (ଏହା ହେଉଛି ଆଚ୍ଛାଦାନ ବା ମଲ୍‌ଚିଙ୍ଗ୍)। ଜମିରେ ଏହି ଶୁଖିଲା ପତ୍ରର ପରସ୍ତ ଟିକିଏ ମୋଟା ବା ବହଳିଆ କରି ଘୋଡ଼ାଇବା ଦରକାର। ଏମିତି ଭଲ କରି ଘୋଡ଼ାଇ ଦିଅନ୍ତୁ ଯେପରି ତା'ରି ମଝିରେ ଘାସ ଉଠିବ ନାହିଁ।
- ଜୁନ୍ ମାସର ପ୍ରଥମ ସପ୍ତାହରେ ମାଣ୍ଡିଆ ତଳି ପକାନ୍ତୁ। ତଳି ୧୫-୨୫ ଦିନର ହେଲେ ତଳି ରୁଆ କରନ୍ତୁ। ଯେଉଁ ମାଣ୍ଡିଆ ତଳି ଗୁଡ଼ିକ ୩୦ ଦିନର ହୋଇଯାଇଛି ସେଗୁଡ଼ିକୁ ଲଗାଇଲେ ତାହା ଭଲ ବଢ଼ିବ ନାହିଁ କି ଭଲ ଅମଳ ମଧ୍ୟ ଦେବନାହିଁ।



- ବିଛାଇ ଥିବା ଶୁଖିଲା ଡ଼ାଳପତ୍ର ଭିତରେ ତଳି ଲଗାନ୍ତୁ। ତଳି ରୋଇବା ପଦ୍ଧତି ସେଇ ଏକା ପଦ୍ଧତି ଅଟେ ଯେମିତି ଆପଣ ହଳ କରିଥିବା ଜମିରେ ତଳି ରୁଆ କରିଥାନ୍ତି।
- ୧୫-୧୮ ଦିନର ତଳିକୁ ସେଇ ଶୁଖିଲା ପତ୍ର ଭିତରେ ପ୍ରତି ୧୦ ଇଂଚ୍ ଦୂରତାରେ ଗୋଟିଏ ଗୋଟିଏ ଲଗାଇ ଦିଅନ୍ତୁ ଏବଂ ଧାଡ଼ିକୁ ଧାଡ଼ି ବ୍ୟବଧାନ ମଧ୍ୟ ୧୦ ଇଞ୍ଚ ରଖନ୍ତୁ।
- ତଳି ରୁଆ ହେବାର ୨୫-୩୦ଦିନ ପରେ ଏକ ୮-୧୦ଫୁଟ୍ ଲମ୍ବର କାଠଗଣ୍ଡିର ଦୁଇପାର୍ଶ୍ୱରେ ରଶିବାନ୍ଧି ତାକୁ ମାଣ୍ଡିଆ ଫସଲ ଜମିରେ ବୁଲାଇ ଦିଅନ୍ତୁ। ଏହି ପ୍ରକ୍ରିୟାରେ ବାଙ୍କି ତଳି ଗୁଡ଼ିକ ପୁନର୍ବାର ସିଧା ହୋଇଯିବ ଏବଂ ହୃଷ୍ଟପୃଷ୍ଟ ହେବା ସହ ଅଧିକ ଅମଳ ଦେଇଥାଏ।





- **ଘାସବଛା କେମିତି କରିବେ:** ବିନା ହଳ/କୋଡ଼ାଖୋସା (ଜିରୋ ଟିଲେଜ୍) ଜମିରେ ବେଶୀ ଘାସ ଉଠିବ ନାହିଁ। ଯଦି ଘାସ ଉଠେ ତାକୁ କାଟି ଦେବା ଭଲ। ଏହି କଟାଘାସକୁ ସେଠାରେ ଜମି ଭିତରେ ଛାଡ଼ି ଦିଅନ୍ତୁ। କଟା ଘାସକୁ ଜମିର ବାହାରକୁ ଫିଙ୍ଗନ୍ତୁ ନାହିଁ।
- ଘାସ କାଟିବା ଏବଂ ସେଗୁଡ଼ିକ ଯେଉଁ ଜାଗାରେ ଉଠିଥିଲା ସେଠାରେ ଛାଡ଼ିଦେବା ଦ୍ୱାରା ତାହା ଶୁଖିଯିବ ଏବଂ ମାଟି ପାଇଁ ଖତ ଭାବେ କାମ କରିବ।
- କଟାଘାସକୁ ଜମିରୁ ବାହାର କରିଦେଲେ ଜମିର ମାଟି ଉପର ଖୋଲା ରହିବ ଏବଂ ସେଇ କଟାଘାସ କି ଶୁଖିଲା ଡ଼ାଳପତ୍ରର ପୁଷ୍ଟିସାର ଜମିର ମାଟି ପାଇ ପାରିବ ନାହିଁ।
- ଅମଳ ପରେ ଫସଲର ନଡ଼ାକୁ ସେମିତି କ୍ଷେତରେ ଛାଡ଼ି ଦିଅନ୍ତୁ। ଗାଈଗୋରୁଙ୍କୁ ସେଇ କ୍ଷେତ ଭିତରକୁ ଯିବାକୁ ଦିଅନ୍ତୁ ନାହିଁ।

## ୨.୨ ମାଣ୍ଡିଆ ଚାଷ – ଧାଡ଼ିବୁଣା ପଦ୍ଧତି:

- ଛୋଟଛୋଟ ଅନାବନା ଗଛ ଏବଂ ଘାସ କାଟିବା ପରେ କଂଟାଗଛର ଡ଼ାଳପତ୍ର ଆଦି ସବୁକୁ ଜମିରୁ ବାହାର କରିଦିଅନ୍ତୁ।
- ବିହନକୁ ଭଲଭାବେ ଶୁଖିଲା ଗୋବରଖତରେ ମିଶାନ୍ତୁ।
- ବିହନ ୧ ଗୁଣ ହେଲେ ଓ ଶୁଖିଲା ଗୋବରଖତର ୬ ଗୁଣ ପରିମାଣରେ ଏହାକୁ ମିଶାନ୍ତୁ। ଏଥି ସହ ଅଳ୍ପ ନିମ୍ବ ତେଲ ଭଲଭାବରେ ମିଶାନ୍ତୁ।
- ଏହି ମିଶ୍ରଣକୁ ୧ – ୨ ଘଂଟା ପାଇଁ ସେମିତି ରହିବାକୁ ଦିଅନ୍ତୁ।
- ବିହନ ଲଗାଇବାକୁ ୧ ୨ ଇଂଚ୍ ବ୍ୟବଧାନରେ ଧାଡ଼ି ପ୍ରସ୍ତୁତ କରନ୍ତୁ।
- ଏହି ଧାଡ଼ିରେ ବିହନ ଏବଂ ଶୁଖିଲା ଗୋବର ମିଶ୍ରଣକୁ ଅଳ୍ପ ଅଳ୍ପ କରି ବୁଣି ଚାଲନ୍ତୁ।
- ସମସ୍ତ ବିହନକୁ ଏପରି ପକାନ୍ତୁ ଏବଂ ଗଜା ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ।
- ଯେତେବେଳେ ମାଣ୍ଡିଆ ଗଛ ଗୁଡ଼ିକ ୬ ରୁ ୮ ଇଂଚ୍ ଉଚ୍ଚର ହୋଇଯିବ ଯେଉଁଗୁଡ଼ିକ ଅତି ପାଖରେ ଉଠିଛି ସେଗୁଡ଼ିକୁ ଓପାଡ଼ି ଦିଅନ୍ତୁ। ଦୁଇ ମାଣ୍ଡିଆ ଗଛ ମଧ୍ୟରେ ବ୍ୟବଧାନ ଅନ୍ତତଃ ୧୦ଇଂଚ୍ ରଖନ୍ତୁ। ମାଣ୍ଡିଆ ଧାଡ଼ି ମଧ୍ୟରେ ଏବଂ ଦୁଇଗଛ ମଝିରେ ଥିବା ଖାଲିମାଟି ଉପରେ ଶୁଖିଲା ଘାସ, ଡ଼ାଳପତ୍ର ବିଛାଇ ଆଚ୍ଛାଦାନ କରି ଦିଅନ୍ତୁ।



* ଏହାର ୧୫ ଦିନ ପରେ ସେହି ଜମି ଉପରେ ଏକ ପଟା କି ବାଉଁଶ ଘୋଷାଡ଼ି ଦିଅନ୍ତୁ।
* ୩୦ ଦିନ ପରେ ପୁଣିଥରେ ସେହି ଫସଲ ଉପରେ ଏକ ପଟା କି ବାଉଁଶ ଦ୍ୱିତୀୟ ଥର ଘୋଷାଡ଼ି ଦିଅନ୍ତୁ।
* ଅମଳ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ।

## ୩. ବିନା ହଳରେ ପନିପରିବା ଚାଷ



### ୩.୧ ଜଳସେଚିତ ଜମିରେ ବିନାହଳର ପନିପରିବା ଚାଷ:

* ବିନା ହଳ କିମ୍ବା ବିନା କୋଡ଼ାଖୋସାରେ ପନିପରିବା ଚାଷ ସହଜ ଅଟେ।
* ମାଟି ଉପରେ ଗୋଟିଏ ପରସ୍ତ ଶୁଖିଲା ଗୋବରଖତ ବିଛାଇ ଦିଅନ୍ତୁ। ତା'ପରେ ଅନାବନା ଘାସ ଗୁଡ଼ିକୁ କାଟି ଦିଅନ୍ତୁ।
* କଟାଘାସକୁ ସେମିତି ପଡିରହି ୩-୪ ଦିନ ଖରାରେ ଶୁଖିବାକୁ ଦିଅନ୍ତୁ।
* ଏବେ ତହିଁରେ ଆଉ ଗୋଟିଏ ପରସ୍ତ ଶୁଖିଲା ପତ୍ର, ନଡ଼ା ତଥା ଅନ୍ୟାନ୍ୟ ଜୈବିକ କମ୍ପୋଷ୍ଟ ଜିନିଷମାନ ବିଛାଇ ଦିଅନ୍ତୁ।
* ଜଳସେଚନ ସୁବିଧା ଥିବା ଜମିରେ ପାଣି ସୁବିଧାରେ ମାଡ଼ି ପାରିବା ଭଳି ସ୍ଥାୟୀ ଭାବେ ଧାଡ଼ି ଧାଡ଼ି କରି ହିଡ଼ ତିଆରି କରନ୍ତୁ।
* ଯେକୌଣସି ଫସଲର ନଡ଼ା ବହୁତ ଭଲ ଅଟେ। ତାହା ମାଟିର ଓଦା ଅଂଶ ବା ଜଳୀୟବାଷ୍ପକୁ ଧରି ରଖିବ ଏବଂ ଘାସ ଉଠିବାକୁ ରୋକିବ।
* ବିହନଗୁଡ଼ିକ ହିଡ଼ର ଧାଡ଼ି ଉପରେ ବୁଣିବେ।
* ହିଡ଼ ଓ ନାଳକୁ ସଠିକ୍ ଭାବେ ପରିଚାଳନା କରିବା ପାଇଁ ହିଡ଼ ଉପରେ କିଛି ଅଧିକ ଶୁଖିଲା ପତ୍ର ଦିଅନ୍ତୁ। ଏହାଦ୍ୱାରା ନାଳରେ ପାଣି ଯିବା ସୁବିଧା ହେବ।

### ୩.୨ ସ୍ପ୍ରିଙ୍କଲର୍ ସିଞ୍ଚନ ମାଧ୍ୟମରେ ବିନା ହଳର ପନିପରିବା ଚାଷ:



**ସାଧାରଣ ପାଣିମଡ଼ା ଜଳସେଚନ ଅପେକ୍ଷା ସିଞ୍ଚନ ଜଳସେଚନ ଅନେକ ଭଲ।**

* ମଡ଼ାପାଣି ଅପେକ୍ଷା ସ୍ପ୍ରିଙ୍କଲର୍ ଜଳସେଚନ ବହୁତ କମ୍ ପାଣି ଦରକାର କରେ।
* **ସ୍ପ୍ରିଙ୍କଲର୍ ଜଳସେଚନ ପାଇଁ କୌଣସି ଖର୍ଚ୍ଚ ନଥାଏ।** ଏହି ସିଂଚନ ବ୍ୟବସ୍ଥାରେ ଚାଷୀକୁ ଜମିରେ ରହିବା ଦରକାର ନାହିଁ। ଆପଣଙ୍କୁ କେବଳ ପାଇପ୍‌ଲାଇନ୍‌ର ଟ୍ୟାପ୍ ଖୋଲିବା ଓ ବନ୍ଦ କରିବାର ଅଛି।
* ଚାଷଜମିକୁ ଏହା ପ୍ରାକୃତିକ ବର୍ଷା ହେବା ପରି ଜଳସେଚନ ପ୍ରଭାବ ଦେଇଥାଏ।

* ଆପଣଙ୍କୁ ଚାଷଜମିରେ କୌଣସି ହୁଡ଼ା କରିବାର ଚିନ୍ତା ନାହିଁ କିମ୍ବା ଚାଷଜମିକୁ ସମତଳ କରିବା ଦରକାର ନାହିଁ। ପାଣିବୁନ୍ଦା ସବୁ ଶୁଖିଲା ଡ଼ାଳପତ୍ର ଉପରେ ପଡ଼ିବ ଓ ଧୀରେ ଧୀରେ ପାଣିବୁନ୍ଦା ସବୁ ମାଟି ଭିତରକୁ ଶୋଷି ହେବ ଏବଂ ଏଥିରେ ଫସଲର କୌଣସି କ୍ଷତି ହେବନାହିଁ।



## ୪. ବିନା ହଳରେ ଚାଷ ବିଷୟରେ କିଛି ମୂଲ୍ୟବାନ ସୂଚନା

### ୪.୧ ଆଚ୍ଛାଦାନ (ମଲ୍‌ଚିଙ୍ଗ୍):



* ବିନା ହଳ ଫସଲ ଚାଷ ପାଇଁ ଆଚ୍ଛାଦାନ (ମାଟିକୁ ଘାସପତ୍ର କିମ୍ବା ପିରିନଡ଼ାରେ ଢ଼ାଙ୍କିବା) ବହୁତ ଜରୁରୀ।
* ଆଚ୍ଛାଦାନ ଅଧିକ ଅନାବନା ଘାସ ବଢ଼ିବା ରୋକିଥାଏ।
* ଆଚ୍ଛାଦାନ ମାଟିର ଆଦ୍ରତା ବା ଜଳୀୟଅଂଶ(ଓଲ)କୁ ସଂରକ୍ଷିତ ରଖେ। ଫଳରେ ଜଳସେଚନ ପାଇଁ କମ୍ ପାଣି ଦରକାର ହୁଏ।
* ଆଚ୍ଛାଦାନ (ଶୁଖିଲା ପତ୍ର, ନଡ଼ା, ପିରି, ଘାସ ) ଧୀରେ ଧୀରେ କମ୍ପୋଷ୍ଟରେ ପରିଣତ ହୋଇଯାଏ ଏବଂ ମାଟିର ଉର୍ବରତା ବଢ଼ାଏ। ତେଣୁ, କମ୍ ଖତ ଆବଶ୍ୟକ ହୁଏ।

### ୪.୨ ଅନାବନା ଘାସ:



* ଅନାବନା ଘାସ, ବିନାହଳରେ କିମ୍ବା ବିନା କୋଡ଼ାଖୋସା ଚାଷକୁ ସହାୟକ ହୋଇଥାଏ।
* ଅନାବନା ଘାସ ମାଟିରୁ ପୁଷ୍ଟିସାର ଗ୍ରହଣ କରନ୍ତି ଯାହାକି ଫସଲ ଗଛ ସହଜରେ କରିପାରି ନଥାଏ।
* ଅନାବନା ଘାସ ମାନେ ସେମାନଙ୍କ ପତ୍ର, ଡ଼େଙ୍ଫ, ଫୁଲ, ଫଳ ଆଦିରେ ଏହି ପୁଷ୍ଟିସାରକୁ ସଂଚିତ କରି ରଖନ୍ତି।
* ଅନାବନା ଘାସକୁ ଓପାଡ଼ି ଫିଙ୍ଗିବା କଥା ନୁହେଁ। ସେଗୁଡ଼ିକୁ କାଟି ମାଟି ଉପରେ ସେମିତି ଛାଡ଼ିଦେବା ଦରକାର।

- ଏହିଭଳି ଭାବେ ଶୁଖିଲା ଅନାବନା ଘାସର ପତ୍ର, ଡ଼େଙ୍ଗ, ଫୁଲ, ଫଳ ଆଦିରେ ସଂଚିତ ପୁଷ୍ଟିସାର ମାଟି ଏବଂ ଫସଲକୁ ପୁଣି ଫେରିଆସେ।
- ଆହୁରୀ, ଅନାବନା ଘାସ ଗୁଡ଼ିକ ଘଂଚଭାବେ ବଢୁଥାଏ। ଏହାକୁ କାଟି ମାଟି ଉପରେ ବିଛାଇ ଦେଲେ ତାହା ଅନାବନା ଘାସର ପୁନର୍ବାର ବୃଦ୍ଧିକୁ ରୋକିଥାଏ।

## ୪.୩ ମାଟି:



- ମାଟି ହେଉଛି ପୃଥିବୀ ଉପରେ ଥିବା ସ୍ଥଳଭାଗର ସମସ୍ତ ଜୀବଜଗତର ଉତ୍ସ।
- ମାଟି ବହୁପ୍ରକାର ଓ ପ୍ରଜାତିର ଜୀବାଣୁ ଏବଂ ଅଣୁଜୀବରେ ପରିପୂର୍ଣ୍ଣ ଅଟେ। ଏଥିରୁ କୀଟପତଙ୍ଗ ଭଳି କିଛି ଜୀବଙ୍କୁ ଆମେ ଦେଖିପାରୁ। ଅନ୍ୟାନ୍ୟ ବହୁତ ପ୍ରକାରର ଅଣୁଜୀବମାନଙ୍କୁ ଆମେ ଖାଲିଆଖିରେ ଦେଖିପାରିବା ନାହିଁ।
- ମାଟି ଅଶେଷ ମାତ୍ରାରେ ସମୃଦ୍ଧଶାଳୀ, ହିତକାରୀ ଏବଂ ଅମୃତମୟ ଅଟେ କାରଣ ଏହା ସ୍ଥଳଭାଗର ସମଗ୍ର ଜୀବଜଗତକୁ ଧରି ରଖିଛି।
- ଗୋଟିଏ ମୁଠା ଜଙ୍ଗଲ ମାଟିରେ ୧ କୋଟିରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ଜୀବ ବସବାସ କରିଥାଆନ୍ତି।
- ଗଛ ଏବଂ ଅନ୍ୟାନ୍ୟ ଲତା, ଗୁଳ୍ମ ପ୍ରଜାତି ଆଦି ମଧ୍ୟ ସେଇ ୧ କୋଟି ଜୀବ ସମୁହ ଭିତରେ ଅର୍ନ୍ତଭୁକ୍ତ।
- ଜୀବଜଗତ-ବିହୀନ ମାଟି ମୃତପ୍ରାୟ ମାଟି ସହିତ ସମାନ। ମାଟିର ଜୀବଜଗତ ଧାରଣ କ୍ଷମତା (ଗର୍ଭଧାରଣ କ୍ଷମତା ଭଳି) କ୍ଷୀଣ ହୋଇଯିବା ହେତୁ ସେଥିରେ ରାସାୟନିକ ସାରବିଷ ଦେଇ ଚାଷ କରାଯାଏ। ଫଳରେ, ମାଟିର ଉର୍ବରତା ସମ୍ପୂର୍ଣ୍ଣ ଦୁର୍ବଳ ହୁଏ ଏବଂ ସେହି ଫସଲ ମାନଙ୍କୁ ଅନେକ ପ୍ରକାରର ଦୁସାଧ୍ୟ ରୋଗପୋକ ଆକ୍ରମଣ ହୁଏ।
- ମାଟିରେ ଥିବା ଅସଂଖ୍ୟ ପ୍ରଜାତିର ଜୀବସମୁହ ଗଛକୁ ନାଇଟ୍ରୋଜେନ୍, ଫସଫରସ୍, ପଟାସ୍ ଏବଂ ଧାତବ ଲବଣ ଇତ୍ୟାଦି ଖାଦ୍ୟସାର ଯୋଗାଇଥାନ୍ତି।
- ମାଟି ଖୋଳିବା, ସେଥିରେ ବିଭିନ୍ନ ରାସାୟନିକ ସାର ଦେବା ଏବଂ ସେଥିରେ ପାଣି ମଡ଼ାଇବା ଆଉ ବିଭିନ୍ନ ପ୍ରକାରର ବିଷାକ୍ତ କୀଟନାଶକ ଔଷଧ ଦେବା ଦ୍ୱାରା ଗଛ, ମାଟି ଓ ଅନ୍ୟାନ୍ୟ ମାଟି ଭିତରେ ଥିବା ଜୀବଜନ୍ତୁ ମଧ୍ୟରେ ଥିବା ସୁସମ୍ପର୍କ ଏବଂ ଭାରସାମ୍ୟ ସମ୍ପୂର୍ଣ୍ଣ ଭାବେ ବିନାଶ ହୋଇଯାଉଛି।

- ଯେହେତୁ ମାଟିରେ ଥିବା ଜିଆ ଆଦି ଜୀବମାନଙ୍କୁ ହଳକରି ଆମେ ମାରି ଦେଉଛୁ ତେଣୁ ଆମକୁ ଜିଆଖତ ଉତ୍ପାଦନ କରି ମାଟିରେ ମିଶାଇବାକୁ ପଡୁଛି। ମାଟି ଭିତରେ ପ୍ରାକୃତିକ ଉପାୟରେ ସୃଷ୍ଟି ହେଉଥିବା ଜିଆଖତ ପରିମାଣର ଏହା ମାତ୍ର ୧-୨% ହୋଇପାରେ।

## ୪.୪ ଗୋବରଖତ:



- ଚାଷଜମିର ଉର୍ବରତା ବଢ଼ାଇବାକୁ କେବଳ ଗୋବରଖତ (ଗାଈ, ଛେଳି, ମେଣ୍ଢା ଆଦି ଖତ) ହିଁ ବ୍ୟବହାର କରନ୍ତୁ।
- ବିନା ହଳ ବା ଜିରୋ ଟିଲେଜ୍ ଫସଲଚାଷରେ କମ୍ପୋଷ୍ଟ ଖତ କିମ୍ବା କମ୍ପୋଷ୍ଟ ଗାତ ଆବଶ୍ୟକ ନାହିଁ।
- କମ୍ପୋଷ୍ଟଖତ ଖୋଦ୍ ସେଇ ଚାଷଜମିରେ ଆପେ ଆପେ ତିଆରି ହେବ। ଏହା ହେଉଛି ପ୍ରାକୃତିକ କମ୍ପୋଷ୍ଟ ଯାହାକି ଗୋବରଖତ, ଫସଲର ବଳକା କୁଟା, ନଡ଼ା, ବିଛା ଯାଇଥିବା ଶୁଖିଲାପତ୍ର, ଶୁଖିଲା କଟାଘାସ, ଜଳ ଇତ୍ୟାଦି ଆଶ୍ଚର୍ଯ୍ୟଜନକ ଭାବେ କାମ କରିବ। ଏହା ପ୍ରତିବର୍ଷ ଆପଣଙ୍କ ଚାଷଜମିର ଉର୍ବରତାକୁ ଆପେ ଆପେ ବଢ଼ାଇବ।
- ଜିଆଖତର କୌଣସି ଆବଶ୍ୟକତା ନାହିଁ – ଏହି ଜିଆମାନେ ଆପଣଙ୍କ ପାଦତଳ ମାଟିରେ ଅଛନ୍ତି।
- ମାଟିକୁ ସମୃଦ୍ଧ କରିବା ପାଇଁ ଗୋବରଖତ (ଗାଈ, ଛେଳି, ମେଣ୍ଢା ଖତ) ଅମୃତ ସମାନ ଅଟେ।
- ଆପଣଙ୍କ ବିନାହଳ ଚାଷଜମିରେ ଗୋବରଖତ ଉପରେ ସର୍ବଦା ଶୁଖିଲା ଡ଼ାଳପତ୍ର ଇତ୍ୟାଦି (ଆଚ୍ଛାଦାନ) ବିଛାଇ ରଖନ୍ତୁ।

## ୪.୫ ରୋଗ ଶୂନ୍ୟତା:

- ବିନାହଳର ଚାଷରେ ବିଭିନ୍ନ ରୋଗ ଏବଂ କ୍ଷତିକାରକ ପୋକ ଆକ୍ରମଣ ଆପେ ଆପେ କମିଯାଏ।



- କିଛିବର୍ଷ ବିନାହଳ ଚାଷ(ଜିରୋ ଟିଲେଜ୍) ପରେ ଚାଷୀକୁ ହାଣ୍ଡିଖତ କି ଜୀବାମୃତ ଦରକାର ହେବନାହିଁ।

# ୫. କ'ଣ କରିବ ଓ କ'ଣ କରିବ ନାହିଁ

## ୫.୧ : କ'ଣ କରାଯିବ

- ଚାଷଜମିରେ ଗୋଟିଏ ପରସ୍ତ ଗୋବରଖତ ବିଛାଇବେ।

- ଘାସ କାଟିବେ, ଓପାଡ଼ିବେ ନାହିଁ ।
- ଜମିକୁ ଆଚ୍ଛାଦାନ କରିବେ ।
- ବିହନ ବୁଣିବା ପୁର୍ବରୁ ବିହନକୁ ବିଶୋଧନ କରନ୍ତୁ ।
- ବାଇଗଣ, କୋବି, ଟମାଟୋ ଇତ୍ୟାଦି ଚାରା ଗୁଡ଼ିକ କରିବେ ୩-୪ ଇଞ୍ଚର ଛୋଟ ଛୋଟ ଗାତ ରୁଆ କରନ୍ତୁ ।
- କେବଳ ବିହନ ପାଇଁ ଆପଣଙ୍କ ବୁଢ଼ା ଆଙ୍ଗୁଠିରେ ମାଟି ଭିତରକୁ ଚାପ ଦେଇ ବିହନ ଲଗାନ୍ତୁ ।
- ତଳିରୂଆ କରିବା ପୁର୍ବରୁ ନିହାତି ଆଚ୍ଛାଦାନ କରନ୍ତୁ ।
- ବୁଣିଥିବା ଫସଲର ଉଚ୍ଚତା ୫-୬ ଇଂଚ୍‌ର ହେବାପରେ ଆଚ୍ଛାଦାନ କରନ୍ତୁ ।

## କ'ଣ ସବୁ କରିବ ନାହିଁ:

- ଜମିକୁ ହଳ କିମ୍ବା କୋଡ଼ାଖୋସା କରନ୍ତୁ ନାହିଁ । ଚାଷୀ ମାଟିକୁ ଗୁଣ୍ଡ କରିବା ଦରକାର ନାହିଁ । ମାଟିକୁ କେମିତି ଗୁଣ୍ଡ କରନ୍ତି ତାହା ମାଟି ଭିତରେ ଥିବା ଛୋଟ ଛୋଟ ଜିଆ, କୀଟପତଙ୍ଗ ମାନେ ଆମ ଅପେକ୍ଷା ଭଲ ଭାବରେ ଜାଣନ୍ତି ।
- ଘାସକୁ ଓପାଡ଼ନ୍ତୁ ନାହିଁ । କେବଳ କାଟି ଦିଅନ୍ତୁ ।
- କଟାଘାସକୁ ଫିଙ୍ଗନ୍ତୁ ନାହିଁ କି ଜମି ହୁଡ଼ାରେ ରଖନ୍ତୁ ନାହିଁ ।
- ଯେଉଁଠି କଟାହେଲା ସେଇଠାରେ ତାକୁ ଛାଡ଼ି ଦିଅନ୍ତୁ ।
- ଫସଲରୁ ବାହାରୁଥିବା ଅନାବନା ନଡ଼ା, କୁଟା, ଡ଼ାଳପତ୍ର ଆଦିକୁ ନଷ୍ଟ କରନ୍ତୁ ନାହିଁ । ଅମଳ ପରେ ଫସଲର ଏସବୁ ଜିନିଷକୁ ଜମିରେ ସମାନ ଭାବେ ବିଛାଇ ଦିଅନ୍ତୁ ।
- ରାସାୟନିକ ସାର ଆଦୌ ବ୍ୟବହାର କରନ୍ତୁ ନାହିଁ । ଏହା ମାଟିର ସନ୍ତୁଳନ ନଷ୍ଟ କରିଦେବ ଏବଂ ଆଗକୁ ଆହୁରୀ ସମସ୍ୟା ସୃଷ୍ଟି କରିବ ।
- କୌଣସି ରାସାୟନିକ କୀଟନାଶକ ଔଷଧ ବ୍ୟବହାର କରନ୍ତୁ ନାହିଁ । ତାହା ଖରାପ ପତଙ୍ଗ ମାନଙ୍କ ସହିତ ଉପକାରୀ ପତଙ୍ଗ ଯଥା ବୁଢ଼ିଆଣି, ମହୁମାଛି ଇତ୍ୟାଦିଙ୍କୁ ମଧ୍ୟ ମାରିଦେବ ।
- ଶେଷରେ କୀଟନାଶକ ଔଷଧ ଚାଷୀକୁ ମାରିଦେବ । କାରଣ ଯୋଉ କୀଟନାଶକ ଔଷଧ କୀଟପତଙ୍ଗ ମାନଙ୍କୁ ମାରିଦେଲା ସେଇ କୀଟନାଶକ ଔଷଧ ସ୍ପ୍ରେ କଲା ସମୟରେ ଚାଷୀର ନାକବାଟରେ ପ୍ରବେଶ କରି ତା' ଦେହରେ କ୍ୟାନସର୍ ସୃଷ୍ଟି କରିବ ।
- ଜୈବିକ କୀଟନାଶକ ଯଥା ବ୍ରହ୍ମାସ୍ତ୍ର, ହାଣ୍ଡିଖତ ଆଦିର ବ୍ୟବହାର ମଧ୍ୟ କମାଇ ଦିଅନ୍ତୁ । ୧-୨ ଋତୁର ଜିରୋ ଟିଲେଜ୍ ଫସଲ ପରେ ଆପଣଙ୍କୁ ଏସବୁ ଜୈବିକ କୀଟନାଶକ ଆଉ ଦରକାର ହେବନାହିଁ ।

# ୬. କାଶୀପୁର ପ୍ରୟୋଗ



ଗତ ୧୫ ବର୍ଷ ଧରି ଅଗ୍ରଗାମୀର ରାୟଗଡ଼ା ଜିଲ୍ଲା କାଶୀପୁର କ୍ୟାମ୍ପସ୍‌ରେ ଜୈବିକ ପଦ୍ଧତି ଏବଂ 'ବିନା ହଳରେ ଚାଷ' କରାଯାଉଛି। ଏହି ଚାଷ ପଦ୍ଧତିରେ ଆମେ କୌଣସି ପ୍ରକାରର ରାସାୟନିକ କିମ୍ବା କୀଟନାଶକ ଦ୍ରବ୍ୟର ବ୍ୟବହାର କରୁନାହୁଁ, ଓ ଆମେ ମାଟିକୁ ହଳ ଦ୍ୱାରା ଚାଷ କରୁନାହୁଁ। ଜଳସେଚିତ ଜମିରେ ଆମେ ବିଭିନ୍ନ ପକାରର ପନିପରିବା ଚାଷ କରୁଅଛୁ। ଗତ ପାଂଚବର୍ଷ ଧରି ଆମେ ବର୍ଷା-ନିର୍ଭରଶୀଳ ଅଂଚଳରେ ମଧ ଚାଷ କରିଛୁ। ଏହି ପ୍ରୟାସ ଅଧିକ ଫଳପ୍ରଦ ହୋଇଛି କାରଣ ଆମେ ମାଣ୍ଡିଆ, କାଙ୍ଗୁ, ଖେଡ଼ଜନା, ବାଜରା, ସ୍ଥାନୀୟ କାନ୍ଦୁଲ, କଟିଙ୍ଗ ଇତ୍ୟାଦି ବିଭିନ୍ନ ପ୍ରକାରର ଦେଶୀ ଫସଲ ଚାଷ କରିପାରିଛୁ। ଏହି ବର୍ଷ ବର୍ଷାଦିନିଆ ଫସଲ ବହୁତ ଭଲ ଅମଳ ଦେଖାଇଛି। ମାଣ୍ଡିଆ ଫସଲ ଏବଂ କଟିଙ୍ଗର ବହୁତ ଭଲ ଉତ୍ପାଦନ ହୋଇଛି।

ପାରିମ୍ପାରିକ ଜ୍ଞାନ, ମିଲେଟ୍ ମିଶନ୍‌ର ବୈଷୟିକ ଜ୍ଞାନ ଏବଂ ବିନା ହଳ ଚାଷର ଆମର ଅଭ୍ୟାସଗତ ଅଭିଜ୍ଞତାର ଏକ ସମନ୍ୱୟ, କ୍ୟାମ୍ପସ ପରିବେଶର ସର୍ବାଙ୍ଗୀନ ଉନ୍ନତି ଏବଂ ବର୍ଷ ପରେ ବର୍ଷ ଉତ୍ପାଦନ ବୃଦ୍ଧି କରିବାରେ ସହାୟକ ହୋଇଛି। ବିନା ହଳ ଚାଷର ଲାଭ ହେଉଛି ଯେ ସ୍ଥାନୀୟ ଚାଷୀଙ୍କ ପରି ଆମକୁ ପ୍ରତି ୩ ରୁ ୪ ବର୍ଷରେ ଆମର ଚାଷ ଜମିକୁ ପରିବର୍ତ୍ତନ କରିବାକୁ ପଡ଼େନାହିଁ। ଏହା ସହିତ ଖତ ପ୍ରୟୋଗର ଆବଶ୍ୟକତା ମଧ ଧୀରେ ଧୀରେ ହ୍ରାସ ପାଏ କାରଣ ପ୍ରତ୍ୟେକ ଫସଲ ତା'ର ବଳକା ଖାଦ୍ୟସାର ମାଟିକୁ ଦେଇଥାଏ ଏବଂ କୌଣସି ଖାଲି ସମୟର ଆବଶ୍ୟକ ହୁଏନାହିଁ। ବିନା ହଳ ଚାଷର ମୁଖ୍ୟ ଉପାଦାନ ହେଉଛି ଘାସ। ମୌସୁମୀ ମଧରେ ପଡ଼ିଆ ସମୟରେ ଘାସ ଆବଶ୍ୟକୀୟ ମାଟି ଆବରଣ ପ୍ରଦାନ କରେ । ପରବର୍ତ୍ତୀ ସମୟରେ ଘାସକୁ କାଟି ଦିଆଯାଏ। ଘାସକୁ ଉପଡ଼ା ଯାଏନି ଏବଂ ସେହି ଘାସକୁ କ୍ଷେତରେ ହିଁ ରହିବାକୁ ଦିଆଯାଏ ଯଦ୍ୱାରା ଜମିରେ ଘାସ ପ୍ରକୃତରେ ଘାସର ବୃଦ୍ଧିକୁ ରୋକିବାରେ ସାହାଯ୍ୟ କରେ। ଜମି ପ୍ରସ୍ତୁତି ପାଇଁ ପତ୍ର ଏବଂ ନଡ଼ା ସହିତ ଆଚ୍ଛାଦାନର ଏକ ଭଲ ପରସ୍ତ ଆବଶ୍ୟକ । ଏହି ପତ୍ର ଆଚ୍ଛାଦାନ (ଆମେ ଅଗ୍ରଗାମୀ କ୍ୟାମ୍ପସ୍‌ରେ ଶାଳ ଏବଂ ପଣସ ପତ୍ର ବ୍ୟବହାର କରୁ) ଯାହା ଫସଲ ପାଇଁ ଅତ୍ୟନ୍ତ ଉପଯୋଗୀ ଏବଂ ଲାଭଦାୟକ ଅଟେ । ଏହା ଘାସର ବୃଦ୍ଧିକୁ ନିୟନ୍ତ୍ରଣ, ମାଟିର ଆଦ୍ରତା, ଏବଂ ମାଟିର ଜୈବିକଶକ୍ତି ବଢ଼ାଇବାରେ ସାହାଯ୍ୟ କରେ। ବାଜରା, ଧାନ, ଗହମ ଚାଷରୁ ଫସଲ ଅବଶିଷ୍ଟାଂଶ ମଧ ଫସଲ ପାଇଁ ବହୁତ ଉପଯୋଗୀ ହେବ। କିନ୍ତୁ, ପ୍ରାୟତଃ ଏହା ଗୋରୁମାନଙ୍କ ପାଇଁ ବ୍ୟବହାର କରାଯାଏ। ଆଦିବାସୀ ଅଂଚଳରେ ଫସଲର ଅବଶିଷ୍ଟାଂଶକୁ ବ୍ୟବହାରରେ ନ ଲଗାଇ ଫୋପାଡ଼ି ଦିଅନ୍ତି ଯାହା ବେକାର ହୋଇଯାଏ।



ଚାଷୀମାନଙ୍କୁ ଏକ ଆହ୍ୱାନ। ଦୟାକରି ଜମିରେ ଫସଲର ଅବଶିଷ୍ଟାଂଶକୁ ନଷ୍ଟ କରନ୍ତୁ ନାହିଁ। ସେଗୁଡ଼ିକୁ ଆପଣଙ୍କ କ୍ଷେତରେ



ଆଚ୍ଛାଦାନ ଏବଂ ସାର ଦେବା ପାଇଁ ବ୍ୟବହାର କରନ୍ତୁ । ଏମିତି କରିବା ଦ୍ୱାରା ଆପଣ ଉଲ୍ଲେଖନୀୟ ପାର୍ଥକ୍ୟ ଦେଖିବେ । ଯେତେବେଳେ ବହଳ ଆଚ୍ଛାଦାନ ମାଟି ଉପରେ ପକାଯାଏ ସେହି ସ୍ଥାନରେ ଆଉ ଘାସ ଉଠି ନଥାଏ । ବର୍ଷାଟିଆ ମାଣ୍ଡିଆ କିମ୍ବା ଅନ୍ୟଚାଷରେ ଅତିକମ୍‌ରେ ଦୁଇଥର କିମ୍ବା ତିନିଥର ଘାସ ବାଛିବାକୁ ପଡ଼ିଥାଏ । ଆଚ୍ଛାଦାନ କରିବା ଦ୍ୱାରା ଘାସ ବାଛିବା ବିଶେଷ ଭାବେ କମ୍ ହୋଇଯାଏ ।

ବିଲାତି, କାକୁଡ଼ି, ଗାଜର୍, ବିନ୍ସ, ମଟର ଇତ୍ୟାଦି ପନିପରିବା ମଧ୍ୟ ବିନା ହଳ ଚାଷରେ ବହୁତ ଭଲ ଉତ୍ପାଦନ ହୁଏ । ଆମେ ଦେଖିପାରୁଛୁ ଯେ ବିନା ହଳ ଚାଷର ଫସଲରେ କୀଟପତଙ୍ଗ ଏବଂ ରୋଗପୋକ ପ୍ରାୟ ନାହିଁ । ବିନା ହଳ ଚାଷରେ ବହୁତ କମ୍ ଶ୍ରମ ଦରକାର ପଡ଼ିଥାଏ । ସ୍ପ୍ରିଙ୍କଲର୍ ଜଳସେଚନ ବ୍ୟବହାର କରିଲେ ପାଣିର ଆବଶ୍ୟକତା ବହୁତ କମିଯାଏ । ଧୀରେ ଧୀରେ ବିନା ହଳ ଚାଷର ଆଗ୍ରହ ଚାଷୀମାନଙ୍କ ମଧ୍ୟରେ ବଢ଼ିବ । କାଶୀପୁର ଅଗ୍ରଗାମୀର ବିନା ହଳ ଚାଷ ପ୍ରଦର୍ଶନ ଦ୍ୱାରା ଅନୁପ୍ରାଣିତ ହୋଇ ଅଧିକରୁ ଅଧିକ ଚାଷୀ ବିନା ହଳରେ ଚାଷ କରିବାକୁ ଚେଷ୍ଟା ଆରମ୍ଭ କରିଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ଚାଷୀ ନିଜ ଜମିରୁ ନୀଳଗିରୀ ଗଛକୁ ହଟାଇ ବାଜରା ଏବଂ ଅନ୍ୟାନ୍ୟ ପାରମ୍ପାରିକ ଫସଲ ଚାଷକୁ ଗ୍ରହଣ କରୁଛନ୍ତି । ଅନେକ ଚାଷୀ କପାଚାଷକୁ ବନ୍ଦ କରି ଦେଶୀ ବିହନକୁ ଆଡ଼କୁ ମୁହାଁଇଛନ୍ତି ।



ବିନା ହଳ ଚାଷରେ ପରିବେଶଗତ କୃଷି ହେଉଛି ଖାଦ୍ୟ ଉତ୍ପାଦନର ଭବିଷ୍ୟତ । ଅନେକ ବଡ଼ ବଡ଼ କମ୍ପାନୀ ବିନା ହଳ ଚାଷକୁ ପ୍ରୋତ୍ସାହିତ କରୁଛନ୍ତି, ଏହାକୁ ସଂରକ୍ଷଣ କୃଷି ମଧ୍ୟ କୁହାଯାଏ ସତ କିନ୍ତୁ ଅନ୍ୟପକ୍ଷେ ସେମାନେ ଚାଷୀଙ୍କୁ ଘାସମରା ଔଷଧ ବ୍ୟବହାର କରିବା ନମନ୍ତେ ଉତ୍ସାହିତ କରାଉଛନ୍ତି । ଯଦ୍ୱାରା ଆମର ପାରମ୍ପାରିକ କୃଷି ବାଧାପ୍ରାପ୍ତ ହେଉଛି ।

ଚାଷୀମାନେ ଘାସମରା ଔଷଧ ସ୍ପ୍ରେ କରିବା ଅତି ସହଜ ମନେ କରନ୍ତି ଯଦ୍ୱାରା ଚାଷୀଙ୍କୁ ଘାସ



କାଟିବାକୁ ପଡ଼ିବ ନାହିଁ । କିନ୍ତୁ, ସେମମାନେ ଭୁଲି ଯାଉଛନ୍ତି ଏହି ଘାସମରା ଔଷଧ ମଣିଷ ପାଇଁ କ୍ଷତିକାରକ ଏବଂ ତାହା ମାଟିରେ ରୋଗ-ସୃଷ୍ଟିକାରୀ ଜୀବାଣୁ ମାନଙ୍କର ବଂଶବୃଦ୍ଧି ମଧ୍ୟ ଘଟାଉଛି । ଘାସମରା ଔଷଧ ବିଭିନ୍ନ ପ୍ରକାରର କର୍କଟ ରୋଗ ସୃଷ୍ଟି କରୁଥିବା ଜଣାପଡ଼ିଛି । ବିନା ହଳ ପରିବେଶଗତ କୃଷି କୌଣସି ରାସାୟନିକ ସାର, କୀଟନାଶକ, ଘାସମରା ଔଷଧର ବ୍ୟବହାର ବିନା ହେବା ଉଚିତ୍ । ଏହା ହିଁ ଏକମାତ୍ର ଉପାୟ ଯାହ ଦ୍ୱାରା ଚାଷୀ ଉନ୍ନତି କରିପାରିବ ଏବଂ ନିଜ ଜମିର ଉର୍ବରତା ଏବଂ ଉତ୍ପାଦନକୁ ବଢ଼ାଇ ପାରିବ । ଏଥିପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସରକାରୀ ଅନୁଷ୍ଠାନ ଏହାକୁ ବିଭିନ୍ନ ମାଧ୍ୟମରେ ପ୍ରୋତ୍ସାହନ ବଢ଼ାଇ ପାରିବ । ଏଥିପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସରକାରୀ ଅନୁଷ୍ଠାନ ଏହାକୁ ବିଭନ୍ନ ମାଧ୍ୟମରେ ପ୍ରୋତ୍ସାହନ କରାଇବା ଦରକାର । ଏହା ହିଁ ଏକମାତ୍ର ଉପାୟ ଯାହାଦ୍ୱାରା ଆମର କୃଷି କ୍ଷେତ୍ରର ପୁନଃରଦ୍ଧାର କରାଯାଇପାରିବ । ଅଗ୍ରଗାମୀ କ୍ୟାମ୍ପସ୍‌ରେ ରତୁକାଳୀନ ପନିପରିବା, ଶସ୍ୟ ଏବଂ ଡ଼ାଲି ସହିତ ଆମେ ବିଭିନ୍ନ ପ୍ରକାରର ଫଳଗଛ – କଲମୀ ଏବଂ ବିହନଯୁକ୍ତ ପ୍ରକାର, କନ୍ଦା, ଲତା, ମସଲା, କଫି, ଜାଳେଣୀ, ଚାରା ଏବଂ ଜଙ୍ଗଲୀ ପ୍ରଜାତି ଗଛ – ଉଭୟକୁ ଏକାସଙ୍ଗରେ କରୁ । ବର୍ଷବର୍ଷ ଧରି ଏକ ସମୃଦ୍ଧ ପରିବେଶ ସୃଷ୍ଟି ହୋଇଛି ଏବଂ ବିବିଧତା ସମଗ୍ର ଅଂଚଳକୁ ସମନ୍ୱିତ କରୁଛି । ଆମ ବଗିଚାରେ ଥିବା ଫସଲ, ଫଳମୂଳ ଇତ୍ୟାଦି ଅନେକ ପକ୍ଷୀ, କୀଟପତଙ୍ଗ ମଧ୍ୟ ଖାଆନ୍ତି । ଆମେ ଏହାକୁ ଖରାପ ଦୃଷ୍ଟିରେ ଦେଖୁନାହୁଁ କାରଣ ଆମେ ହିଁ ଏମାନଙ୍କ ସହିତ ମିଳିମିଶି ରହିଲେ ହିଁ ଆମ ପରିବେଶ ସୁନ୍ଦର ହୋଇପାରିବ ।

## ମନେରଖନ୍ତୁ

- ଯଦି ଆପଣ ମାଟି ଏବଂ ମାଟି ଭିତରେ ଥିବା ସମସ୍ତ ଅଣୁଜୀବଗୁଡ଼ିକୁ ସମ୍ମାନ ଦେବେ ତା'ହେଲେ ମାଟି ଓ ତା'ର କୀଟପତଙ୍ଗ ଏବଂ ଜିଆ, ବୁଢ଼ିଆଣିଗୁଡ଼ିକ ମଧ୍ୟ ଆପଣଙ୍କୁ ଭଲ ପାଇବେ ଏବଂ ସମ୍ମାନ ଦେବେ ।
- ସେମାନେ କେବଳ ସମ୍ମାନ ଚାହାଁନ୍ତି ।
- ପ୍ରତିବଦଳରେ ସେମାନେ ତୁମକୁ ବାଇଗଣ, ଟମାଟୋ, ମାଣ୍ଡିଆ, କାନ୍ଦୁଲ, ଆମ୍ବ, ପିଜୁଳି, କଦଳୀ ଇତ୍ୟାଦି ଏବଂ ଅଶେଷ କୃତଜ୍ଞତା ଜଣାଇବା ସହ ସମ୍ମାନ ମଧ୍ୟ ଦେବେ ।

**www.agragamee.org**

At/Po- Kashipur-765015, Dist.- Rayagada, Odisha, India
Phone: 06865-285009, 285174, Fax: 06865 285174
Email: info@agragamee.org